## କୃଷି ସୂଚନା ସେବା (ଧାନ)
## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**ଡିସେମ୍ବର ୨୦୧୫ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଶତକଡା ୮୦ ଭାଗ ଧାନ କେଣ୍ଡାରେ ପାଚିଗଲା ପରେ କାଟି ଅମଳ କରିଦିଅନ୍ତୁ । ପ୍ରତ୍ୟେକ କିସମକୁ ଅଲଗା ଅଲଗା ସଫା କରି ଧାନ ବସ୍ତାରେ ରଖନ୍ତୁ ।
- କେଣ୍ଡାକଟା ସାଁବାଳୁଆ ଦେଖାଦେଲେ ସେଥିରୁ ଧାନ ଫସଲକୁ ରକ୍ଷା କରିବା ପାଇଁ ବିଲରେ ହିଡରେ ମାଲାଥିଅନ୍ ଗୁଣ୍ଡ(୫%) ପକାଇବା ଆବଶ୍ୟକ ।
- କୃଷକମାନଙ୍କୁ ଅନୁରୋଧ ଯେ ସେମାନେ ବିଭିନ୍ନ କିସମ ଧାନକୁ ଅଲଗା ଅମଳ କରି ସଫାକରି ଭଲଭାବରେ ଶୁଖାଇ ଭିନ୍ନ ଭିନ୍ନ ବସ୍ତାରେ ରଖନ୍ତୁ । ଏହା ଦ୍ୱାରା ଏକ ମଛା ଧାନ ବଜାରରେ ବିକ୍ରି ଭଲ ଦାମ୍ ପାଇପାରିବେ ।
- ଧାନକୁ ସଂରକ୍ଷିତ ରଖିବା ପାଇଁ ଶତକଡା ୧୪ ଭାଗରୁ କମ୍ ଆର୍ଦ୍ରତା ପର୍ଯ୍ୟନ୍ତ ଶୁଖାଇ ରଖିବା ଦରକାର । ମାତ୍ର ବିହନ ରଖିବା ପାଇଁ ଧାନକୁ ଶତକଡା ୧୨ ଭାଗ ଆର୍ଦ୍ରତା ରହିବା ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ । ଧାନ ପେଶିବା ପାଇଁ ଆର୍ଦ୍ରତା ଭାଗ ଶତକଡା ୧୨-୧୪ ପର୍ଯ୍ୟନ୍ତ ରଖନ୍ତୁ ।
- ଜଳସେଚିତ ମଧ୍ୟମ କିସମ ବିଲରେ ଧାନ କାଟିବା ପରେ ବିଭିନ୍ନ ଫସଲ ଯଥା ସୂର୍ଯ୍ୟମୁଖୀ, ଚିନାବାଦାମ, ଶୀତଦିନିଆ ମକା, ପନିପରିବା ଇତ୍ୟାଦି ବୁଣନ୍ତୁ ।
- ଧାନ କଟା ହେବା ପରେ ଉପଯୁକ୍ତ ଆର୍ଦ୍ରତା ଦେଖି ମୁଗ ବୁଣା ସାରନ୍ତୁ । ମୁଗ କିସମ ଯଥା : TARM-1, ସମ୍ରାଟ, OUM-1-5, PDM-54 ଇତ୍ୟାଦି ବ୍ୟବହାର କରିପାରନ୍ତି ।
- କୃଷକମାନଙ୍କୁ ଅନୁରୋଧ ଯେ ସେମାନେ ଆଗାମୀ ଧାନ ଚାଷ ପାଇଁ ନିଜ ବିହନ ରଖିବାବେଳେ ସଫା, ପରିପକ୍ୱ, ସୁସ୍ଥ, ଶୁଖିଲା ଏବଂ ଏକ ପ୍ରକାର କିସମ ପ୍ରତି ଯତ୍ନବାନ ହୁଅନ୍ତୁ । ମିଶା ଧାନ ବିହନ ପ୍ରଭୂତ କ୍ଷତି ଘଟାଇ ଥାଆନ୍ତି ।
- ଡାଲୁଆ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ବିଭିନ୍ନ କିସମ ଯଥା: CR Dhan 601, IR 64, ଚନ୍ଦନ, ଲଲାଟ, ନବୀନ, MTU 1010, ଲୁଣାସଂଖୀ(ଉପକୂଳବର୍ତ୍ତୀ ଲୁଣାଜମି ପାଇଁ) ।
- ଡାଲୁଅ ଧାନ ପାଇଁ ତଳିଘେରା ପ୍ରସ୍ତୁତ କରନ୍ତୁ ।

*****